୨୭ତମ ପ୍ରତିଷ୍ଠା ଦିବସ ଅଭିନନ୍ଦନ

ଖେଳ

# ପର୍ଯ୍ୟବେକ୍ଷକ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

Bhubaneswar Tuesday July 22 | ଭୁବନେଶ୍ୱର ମଙ୍ଗଳବାର, ୨୨, ୨୦୨୫ | Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 | www.paryabekhyak.com




## ସ୍କୁଲର ଏହି ସବୁ ସ୍ଥାନରେ ସିସିଟିଭି ଲଗାଇବା ବାଧ୍ୟତାମୂଳକ

ଭୁବନେଶ୍ୱର,(ପି.ଏନ): ଶିକ୍ଷାର୍ଥୀଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ବଡ ପଦକ୍ଷେପ ନେଇଛି ସିବିଏସ୍ଇ। ବୋର୍ଡ ପକ୍ଷରୁ ତା'ର ନିୟମରେ କିଛି ସଂଶୋଧନ କରାଯାଇଛି। ସ୍କୁଲରେ ସୁରକ୍ଷା ବ୍ୟବସ୍ଥାକୁ ଆହୁରି ସୁଦୃଢ଼ କରିବାକୁ ସିବିଏସ୍ଇ ଉଦ୍ୟମ କରିଛି।ସ୍କୁଲର କେଉଁ ସବୁ ସ୍ଥାନରେ ସିସିଟିଭି ଲଗାଇବା ବାଧ୍ୟତାମୂଳକ, ତା'ର ତାଲିକା ସିବିଏସ୍ଇ ଜାରି କରିଛି। ସିବିଏସ୍ଇ ଦ୍ୱାରା ଅନୁବନ୍ଧିତ ସ୍କୁଲଗୁଡିକ ଉଚ୍ଚ କ୍ଷମତା ସମ୍ପନ୍ନ ସିସିଟିଭି କ୍ୟାମେରା ଲଗାଇବା ବାଧ୍ୟତାମୂଳକ। ରିୟଲ ଟାଇମ ଅଡିଓ ଓ ଭିଜୁଆଲ ମଧ୍ୟ ଏଥିରେ ରହିବ।



## ମା ପାଇଁ ଗଛଟିଏ କାର୍ଯ୍ୟକ୍ରମ ଅନୁଷ୍ଠିତ



ନୟାଗଡ ,(ପି.ଏନ): ଓଡ଼ଗାଁ ବ୍ଲକ୍ ମଣ୍ଡଳ ଶିକ୍ଷା କାର୍ଯ୍ୟାଳୟ,ଓ ସରକାରୀ ପ୍ରାଥମିକ ବିଦ୍ୟାଳୟ,କଦଳୀବନ୍ଧ ଠାରେ ଆଜି ମା'ପାଇଁ ଗଛଟିଏ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ମଣ୍ଡଳ ଶିକ୍ଷା ଅଧିକାରୀ ରାଜକିଶୋର ସାହୁ ଓ ରଘୁନାଥ ମଲିକ ଙ୍କ ଉପସ୍ଥିତିରେ କାର୍ଯ୍ୟାଳୟ ହତା ମଧ୍ୟରେ ବଉଳ,ଚମ୍ପା, ଅଁଳା, ପେସ୍ତାବାଦାମ ବୃକ୍ଷରୋପଣ କରାଯାଇଛି।ବରିଷ୍ଠ କିରାଣୀ ବିମଳ ବାରିକ,ଲକ୍ଷ୍ମଣ ତ୍ରିପାଠୀ,ପ୍ରକୃତିବନ୍ଧୁ ଶିକ୍ଷକ ରଞ୍ଜନ କୁମାର ଦାଶ ଆକାଉଣ୍ଟାଣ୍ଟ ନିରଞ୍ଜନ ରଥ,ସ୍ୱାଗତିକା ମହାପାତ୍ର, ଚିନ୍ମୟ ସାଥୁଆ,ସସ୍ମିତା ନାୟକ, ଗୌରାଙ୍ଗ ମୁଦୁଲି ଓ ଅନୁଜ ନାୟକ ସହଯୋଗ କରିଥିଲେ।ପୂର୍ବରୁ ଲଗାଯାଇଥିବା ଗଛ ଗୁଡିକର ଯତ୍ନ ନେଇଥିବା ଯୋଗୁଁ ଗଛ ଯେପରି ବଞ୍ଚିରହିଛି ଠିକ ସେହିପରି ଆଜି ଲଗାଯାଇଥିବା ଗଛର ଯତ୍ନ ନେବାପାଇଁ ସଭିଏଁ ଶପଥ କରିଥିଲେ।ସେହିପରି ସରକାରୀ ପ୍ରାଥମିକ ବିଦ୍ୟାଳୟ, କଦଳୀବନ୍ଧ ଠାରେ ପ୍ରଧାନଶିକ୍ଷକ ରଞ୍ଜନ କୁମାର ଦାଶ ଓ ଶିକ୍ଷିକା ରୀତା ପଣ୍ଡାଙ୍କ ଉପସ୍ଥିତିରେ ବିଦ୍ୟାଳୟ ପରିସରରେ ଛାତ୍ରଛାତ୍ରୀ ମାନଙ୍କୁ ନେଇ ମାଆ ମାନଙ୍କ ସହଯୋଗରେ ବୃକ୍ଷରୋପଣ କରାଯାଇଛି। ଅମୃତଭଣ୍ଡା,ପିଜୁଳି, ଆତ,ଚମ୍ପା, ସଜନା, ଭୃସୁଙ୍ଗା, ଆମ୍ବଗଛ ଲଗାଯାଇଛି। ମଧ୍ୟାହ୍ନ ଭୋଜନ ପାଇଁ ଭେଣ୍ଡି,ଝୁଳଣ, ଶାଗ,ଲେମ୍ବୁ ବଗିଚା କରାଯାଇଛି।ଉକ୍ତ କାର୍ଯ୍ୟକ୍ରମ କୁ ଅଭିଭାବକ ମାନେ ଭୂୟସୀ ପ୍ରଶଂସା କରିଛନ୍ତି।

## ଅଲ ଇଣ୍ଡିଆ ଯାଦବ ମହାସଭା, ଓଡ଼ିଶା ୟୁନିଟର ବୈଠକ

ଭୁବନେଶ୍ୱର,(ପି.ଏନ): ରାଜ୍ୟରେ ଯାଦବ ବା ଗୋପାଳଙ୍କ ବିକାଶକୁ ସରକାର ପ୍ରାଥମିକତା ଦିଅନ୍ତୁ। ସେମାନେ ଶିକ୍ଷିତ ହେଲେ ହିଁ ବିକାଶ ଆସିବ। ସେମାନଙ୍କ ଶିକ୍ଷା ପାଇଁ ସରକାର ବ୍ୟବସ୍ଥା କରନ୍ତୁ। ଯାଦବମାନେ ନିଜ ଅଧିକାର ପାଇଁ ଏକାଠି ହୋଇ ସରକାରଙ୍କ ପାଖରେ ଦୃଢ଼ ଦାବି ରଖନ୍ତୁ। ଆଜି ଅଲ ଇଣ୍ଡିଆ ଯାଦବ ମହାସଭାର ଓଡ଼ିଶା ୟୁନିଟ୍ ପକ୍ଷରୁ ଆୟୋଜିତ ବୈଠକରେ ସବୁ କର୍ମକର୍ତ୍ତା। ଏହି ମତ ରଖିଛନ୍ତି। ବୈଠକରେ ଅଲ ଇଣ୍ଡିଆ ଯାଦବ ମହାସଭାର ଓଡ଼ିଶା ୟୁନିଟର ନବନିର୍ବାଚିତ କର୍ମକର୍ତ୍ତାମାନେ ନିଜ ଦାୟିତ୍ୱ ଗ୍ରହଣ କରିଛନ୍ତି। ସବ୍ୟସାଚୀ ମହଲା ସଭାପତି ଭାବେ ନିର୍ବାଚିତ ହୋଇଥିବାବେଳେ ରଶ୍ମିରାଣୀ ବେହେରା ମହିଳା ସଭାନେତ୍ରୀ ହୋଇଛନ୍ତି। ବରିଷ୍ଠ ଯାଦବ ନେତା ସଞ୍ଜୀବ ମାରିକ ଓଡ଼ିଶା ୟୁନିଟର ଉପଦେଷ୍ଟା ହୋଇଛନ୍ତି। ଜାତୀୟ ସାଧାରଣ ସମ୍ପାଦକ ନବକିଶୋର ବେହେରା, ବରିଷ୍ଠ କର୍ମକର୍ତ୍ତା। ମାନସ ଦାସ, ରାଜ୍ୟ ସାଧାରଣ ସମ୍ପାଦକ ଡାକ୍ତର ବେହେରା, ବରିଷ୍ଠ ନେତା ପ୍ରତାପ ବେହେରାଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ। ସଭାପତି ସବ୍ୟସାଚୀ ମହଲା କହିଛନ୍ତି, ଓଡ଼ିଶାରେ ଯାଦବଙ୍କ ସଂଖ୍ୟା ମୋଟ ଜନସଂଖ୍ୟାର ୨୦ ପ୍ରତିଶତ। କିନ୍ତୁ ସେମାନଙ୍କ ବିକାଶ ପାଇଁ ଯେଉ ପଦକ୍ଷେପ ନିଆଯିବା କଥା ତାହା ହୋଇନି। ଅଧିକାଂଶ ଯାଦବ ଏବେ ବି ନିଜ କୌଳିକ ବୃତ୍ତି କରୁଛନ୍ତି। ସେମାନଙ୍କ ଶିକ୍ଷା ପାଇଁ ସରକାର ପଦକ୍ଷେପ ନିଅନ୍ତୁ। ଯାଦବମାନେ ଅଲ ଇଣ୍ଡିଆ ଯାଦବ ମହାସଭାରେ ସାମିଲ ହୋଇ ନିଜ ଅଧିକାର ପାଇଁ ଲଢ଼ନ୍ତୁ ବୋଲି ସେ ଆହ୍ୱାନ ଦେଇଛନ୍ତି। ମହିଳା ସଭାନେତ୍ରୀ ରଶ୍ମିରାଣୀ ବେହେରା କହିଛନ୍ତି, ଆମ ବର୍ଗର ମହିଳାମାନେ ବହୁତ ପଛରେ ରହିଛନ୍ତି। ସେମାନେ କେମିତି ଶିକ୍ଷା ଓ ରାଜନୀତି କ୍ଷେତ୍ରରେ ଆଗକୁ ଯିବେ ସେଥିପାଇଁ ମିଳିମିଶି କାମ କରିବା। ଉପଦେଷ୍ଟା ସଞ୍ଜିବ ମାରିକ କହିଛନ୍ତି, ବିହାର ଓ ଉତ୍ତରପ୍ରଦେଶ ଭଳି ରାଜ୍ୟରେ ଗୋପାଳମାନେ ବହୁତ ଆଗରେ ଅଛନ୍ତି। ଆମ ରାଜ୍ୟରେ ବି ଆଗୁଆ ହେବାକୁ ପଡ଼ିବ। ଶିକ୍ଷା କ୍ଷେତ୍ରରେ ଆଗେଇଲେ ହିଁ ସମସ୍ତେ ଆଗକୁ ଆସିବେ। ଏହାକୁ ସରକାର ବ୍ୟବସ୍ଥା କରନ୍ତୁ।

## ରାଷ୍ଟ୍ରୀୟ ଚେତନାର ପାରଦର୍ଶୀ ପ୍ରବକ୍ତା ଓ ମାର୍ଗଦର୍ଶୀ ପ୍ରଚାରକ ଥିଲେ ହରିହର ନନ୍ଦ

କଟକ,(ପି.ଏନ):ଓଡିଶାର ସର୍ବପ୍ରାଚୀନ ସାହିତ୍ୟ-ସଂସ୍କୃତି ଅନୁଷ୍ଠାନ ଉତ୍କଳ ସାହିତ୍ୟ ସମାଜ ପକ୍ଷରୁ ବିଶିଷ୍ଟ ସାରସ୍ୱତ ସାଧକ ଓ ଯଶସ୍ୱୀ ରାଷ୍ଟ୍ରବାଦୀ ସଂଗଠକ ହରିହର ନନ୍ଦଙ୍କ ତୈଳଚିତ୍ର ଶତାବ୍ଦୀଭବନରେ ଉନ୍ମୋଚିତ ହୋଇଯାଇଛି। ଉତ୍କଳ ସାହିତ୍ୟ ସମାଜର ସଭାପତି ଡକ୍ଟର ଗୋବିନ୍ଦ ଚନ୍ଦ୍ର ଚାନ୍ଦଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏଇ ଭବ୍ୟ ଓ ଦିବ୍ୟ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି,ଉଚ୍ଚଶିକ୍ଷା ତଥା କ୍ରୀଡା ଓ ଯୁବସେବା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ରାଷ୍ଟ୍ରୀୟ ଏକତା ଓ ସଂହତିର ସୁରକ୍ଷା ପାଇଁ ହରିହର ନନ୍ଦଙ୍କ ଜୀବନବ୍ୟାପୀ ନିରଳସ ସାଧନା ବାସ୍ତବରେ ଉଲ୍ଲେଖନୀୟ ଓ ଉଦାହରଣୀୟ ବୋଲି କହିଥିଲେ। ସମ୍ମାନନୀୟ ଅତିଥି ଭାବେ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଯୋଗଦେଇ ଶ୍ରୀ ନନ୍ଦଙ୍କ ସାରସ୍ୱତ ସାଧନା,ସାଙ୍ଗଠନିକ ଦକ୍ଷତା, ନିଷ୍ପାପର କର୍ତ୍ତବ୍ୟପରାୟଣତା ଓ ନିରନ୍ତର ଦେଶସେବା ସମ୍ପର୍କରେ ଆଲୋକପାତ କରିଥିଲେ। ମୁଖ୍ୟବକ୍ତା ଭାବେ ଯୋଗଦେଇ ବିଶିଷ୍ଟ ସାରସ୍ୱତ ସାଧକ, ସୁବକ୍ତା,ରାଷ୍ଟ୍ରଦୀପର ପୂର୍ବତନ ସମ୍ପାଦକ ଜଗବନ୍ଧୁ ମିଶ୍ର ଶ୍ରୀ ନନ୍ଦଙ୍କୁ ଜଣେ ବାଗ୍ମୀ, ବିଦ୍ୱାନ, ବହୁଦର୍ଶୀ, ଜାତୀୟତାବାଦୀ ସୃଷ୍ଟିସମ୍ଭାରର ସଫଳ ସ୍ରଷ୍ଟା ଓ ମୌଳିକ ଚିନ୍ତକ ଭାବେ ଉପସ୍ଥାପନା କରିଥିଲେ। ସୁଶ୍ରୀ ସୁବର୍ଣ୍ଣରେଖା ପ୍ରଧାନ ହରିହର ନନ୍ଦଙ୍କ କବିତା ଗାନ କରିଥିଲେ।

## ୯୦୦ କୋଟି ଟଙ୍କାର ଋଣ ବିତରଣ କରିଛି ଆଇସିଆଇସିଆଇ ପ୍ରୁଡେନ୍ସିଆଲ ଲାଇଫ

ଭୁବନେଶ୍ୱର,(ପି.ଏନ): ଆଇସିଆଇସିଆଇ ପ୍ରୁଡେନ୍ସିଆଲ ଲାଇଫ ଇନ୍ସୁରାନ୍ସ ୨୦୨୪-୨୫ ଆର୍ଥିକ ବର୍ଷରେ ଏହାର ଗ୍ରାହକଙ୍କୁ ପାରମ୍ପରିକ ବୀମା ଉପରେ ୯୦୦ କୋଟି ଟଙ୍କାର ଋଣ ବିତରଣ କରିଛି। ଲୋନ ଏଗେନ୍ଷ୍ଟ ପଲିସି ବା ବୀମା ଉପରେ ଋଣ ଫିଚର ଖୁବ୍ ଉପଯୋଗୀ ଅଟେ କାରଣ ଏହା ଗ୍ରାହକଙ୍କୁ ସେମାନଙ୍କର ଦୀର୍ଘାବଧି ସଂଚୟ ଯୋଜନାକୁ ପ୍ରଭାବିତ ନକରି ତରଳତା ପ୍ରଦାନ କରିଥାଏ। ୨୦୨୪-୨୫ ଆର୍ଥିକ ବର୍ଷରେ କମ୍ପାନୀ ୪୨,୭୦୦ରୁ ଅଧିକ ଗ୍ରାହକଙ୍କୁ ଏଭଳି ଋଣ ବିତରଣ କରିଛି। ବୀମା ଉପରେ ଋଣ ପାଇବା ପାଇଁ ପ୍ରକ୍ରିୟା ଶୀଘ୍ର ଓ ପେପରଲେସ ରହିଛି। ୨୦୨୪-୨୫ ଆର୍ଥିକ ବର୍ଷରେ ୯୮%ରୁ ଅଧିକ ଋଣ କେବଳ ୨୪ ଘଂଟା ମଧ୍ୟରେ ବିତରଣ କରାଯାଇଥିଲା। ଗ୍ରାହକମାନେ ଋଣ ପାଇଁ ଆବେଦନ କରିବା ଲାଗି କମ୍ପାନୀ ୱେବସାଇଟ କିମ୍ବା ଆମର ମୋବାଇଲ ଆପର ବ୍ୟବହାର କରିପାରିବେ । ଏସମ୍ପର୍କରେ ଆଇସିଆଇସିଆଇ ପ୍ରୁଡେନ୍ସିଆଲ ଲାଇଫ ଇନ୍ସୁରାନ୍ସର ମୁଖ୍ୟ ପରିଚାଳନା ଅଧିକାରୀ ଅମିଶ ବଙ୍କର କହିଛନ୍ତି, 'ଜୀବନ ବୀମା ହେଉଛି ଏକ ଦୀର୍ଘାବଧି ଉତ୍ପାଦ ଏବଂ ଗ୍ରାହକମାନେ ବୀମା ଅବଧି ସମୟରେ ତରଳତା ଆହ୍ୱାନଗୁଡିକର ସମ୍ମୁଖୀନ ହୋଇପାରନ୍ତି। ବୀମା ଉପରେ ଋଣ ସୁବିଧା ବିନା ବାଧାରେ ଆର୍ଥିକ ସଂଚୟ ଯୋଜନାକୁ ଟ୍ରାକ୍‌ରେ ରଖିବା ସୁନିଶ୍ଚିତ କରିପାରେ। ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଗ୍ରାହକମାନେ ବୀମା ସରେଣ୍ଡର ଭାଲ୍ୟୁର ୮୦% ପର୍ଯ୍ୟନ୍ତ ରାଶି ଋଣ ଭାବେ ପାଇପାରିବେ। ୨୦୨୪-୨୫ରେ ଋଣ ବିତରଣ କ୍ଷେତ୍ରରେ ବାର୍ଷିକ ଆଧାରରେ ୬୦% ବୃଦ୍ଧି ହେବା ସହିତ ଆମେ ଆମର ଗ୍ରାହକଙ୍କ ମଧ୍ୟରେ ବୀମା ଉପରେ ଋଣ ସୁବିଧାକୁ ଆପଣାଇବାରେ ଏକ ବୃଦ୍ଧିର ସାକ୍ଷୀ ହୋଇଛୁ। ଏହି ପାଣ୍ଠିକୁ ପ୍ରିମିୟମ ପଇଠ କରିବା ପାଇଁ ମଧ୍ୟ ଉପଯୋଗ କରାଯାଇପାରିବ, ଯାହା ବୀମାର ନିର'ରତା ଓ ଏହାର ଲାଭଗୁଡିକୁ ସୁନିଶ୍ଚିତ କରିଥାଏ।'

## ସୌମ୍ୟାଶ୍ରୀଙ୍କ ପାଇଁ ନୟାଗଡ ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ମହମବତୀ ଶୋଭାଯାତ୍ରା

ନୟାଗଡ଼,(ପି.ଏନ): ନୟାଗଡ଼ ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ଏଫ୍ ଏମ୍ କଲେଜର ଛାତ୍ରୀ ସୌମ୍ୟାଶ୍ରୀ ଆତ୍ମାହୁତି ଉଦ୍ୟମ କରି ଦୁଇ ଦିନ କାଳ ଭୁନେଶ୍ୱରସ୍ଥିତ ଏମ୍ସ ମେଡିକାଲ ରେ ମୃତ୍ୟୁ ସହ ସଂଗ୍ରାମ କରି ଶେଷରେ ଆଖି ବୁଜିଲେ। ତାଙ୍କ ମୃତ୍ୟୁ ସହ ରାଜ୍ୟ ରେ ମାନବିକତାର ଦୁଃଖଦ ଅନ୍ତ ଘଟିଛି। ଛାତ୍ରୀ ଜଣକ ଛ ମାସ ବିଭିନ୍ନ ଫୋରମ୍ ରେ କଲେଜ କର୍ତ୍ତୃପକ୍ଷ, ଜିଲ୍ଲା ଓ ପୋଲିସ ପ୍ରଶାସନ, ରାଜ୍ୟ ଶିକ୍ଷା ମନ୍ତ୍ରୀ, ଗୃହ ବିଭାଗ ରେ ଦାୟିତ୍ୱ ଥିବା ମୁଖ୍ୟମନ୍ତ୍ରୀ, ଜାତୀୟ ମହିଳା ଆୟୋଗ ପ୍ରମୁଖ ଙ୍କୁ ନ୍ୟାୟ ପାଇଁ କାକୁତି ମିନତି ହେଲେ ମଧ୍ୟ କେହି ସାହାଯ୍ୟ କଲେ ନାହିଁ। ଏହା ଆତ୍ମହତ୍ୟା ନୁହେଁ ଏହା ଏକ ଅନୁଷ୍ଠାନ ଦ୍ୱାରା ମିଳିତ ବର୍ବରଚିତ ହତ୍ୟା କାଣ୍ଡ। ଯେଉଁ ବିଜେପି ନିଜ ଛାମୁଆ ସଂଗଠନ ଏବିଭିପି ର ଜଣେ ମହିଳାକାର୍ଯ୍ୟକର୍ତ୍ତା ଙ୍କୁ ସୁରକ୍ଷା ଦେଇ ପାରୁନାହିଁ । ସେହି ଦଳର ସରକାର ରାଜ୍ୟ ରେ ମହିଳା ମାନଙ୍କୁ ସୁରକ୍ଷା ଦେବା ବିଫଳ ପ୍ରମାଣ ହୋଇଛି। ଦିବଂଗତ ଛାତ୍ରୀ ସୌମ୍ୟାଶ୍ରୀ ଙ୍କ ସ୍ମୃତି ରେ ତାଙ୍କୁ ଉଚିତ୍ ନ୍ୟାୟ, ଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ୍, ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଙ୍କ ଇସ୍ତଫା ତଥା ଏହି ଘଟଣା ର ନ୍ୟାୟିକ ଯାଞ୍ଚ ଜଣେ ଅବସର ପ୍ରାପ୍ତ ହାଇକୋର୍ଟ ବିଚାରପତି ଓ ସିବିଆଇ ଦ୍ୱାରା ତଦନ୍ତ ଦାବି ରେ ନୟାଗଡ ଜିଲ୍ଲା କଂଗ୍ରେସ କମିଟି ସଭାପତି ସତ୍ୟବ୍ରତ ନାୟକଙ୍କ ନେତୃତ୍ୱରେ ଏକ କ୍ୟାଣ୍ଡଲ ଶୋଭାଯାତ୍ରା ନୟାଗଡ ଡାକ ବଙ୍ଗଳା ଠାରୁ ବାହାରି ନୟାଗଡ ବସ ଷ୍ଟାଣ୍ଡ ପର୍ଯ୍ୟନ୍ତ ଯାଇ ସେଠାରେ ତାଙ୍କ ସ୍ମୃତି ଉଦ୍ଦେଶ୍ୟରେ କ୍ୟାଣ୍ଡଲ ଜାଳି ନୀରବ ପ୍ରାର୍ଥନା କରିଥିଲେ। ଏହି କାର୍ଯ୍ୟକ୍ରମରେ ନୟାଗଡ ଜିଲ୍ଲା କଂଗ୍ରେସ କମିଟି ପୂର୍ବତନ ସଭାପତି ରଞ୍ଜିତ ଦାସ, ବରିଷ୍ଠ କଂଗ୍ରେସ ନେତା ମନୋଜ ସାହୁ, କମଳ ସାହୁ, ପୂର୍ଣ୍ଣଚନ୍ଦ୍ର ନାୟକ, ପ୍ରତୀକ ମହାପାତ୍ର, ପୀତବାସ ଖୁଣ୍ଟିଆ, ମିର୍ ଅବୁବକର ସିଦ୍ଧିକ୍, ପ୍ରକାଶ ଚନ୍ଦ୍ର ନାୟକ, ଛାତ୍ର କଂଗ୍ରେସ ସଭାପତି ସିବରଞ୍ଜନ ସାହୁ, ନବକିଶୋର ସାଥୁଆ, ପୁଲେସ ଚନ୍ଦ୍ର ମହାନ୍ତି, ସୁରେନ୍ଦ୍ର ନାୟକ, ପୁର୍ଣ୍ଣଚନ୍ଦ୍ର ପରିଡ଼ା, ଜୀବନ ଜ୍ୟୋତି ରାଉତ, ଅମ୍ଳାନ ଅଂଶୁମାନ ସାହୁ, ରାକେଶ କୁମାର ସିଂ, ଶାଶ୍ୱତ ରଞ୍ଜନ ପ୍ରଧାନ, ରୁଦ୍ରନାରାୟଣ ପ୍ରଧାନ ତାନିଶ ମହାନ୍ତି, ଓମ୍ ପ୍ରକାଶ ପ୍ରଧାନ ପ୍ରମୁଖ ଯୁବ କଂଗ୍ରେସ ଓ ଛାତ୍ର କଂଗ୍ରେସ ର ଶତାଧିକ କର୍ମକର୍ତ୍ତା ଏହି କାର୍ଯ୍ୟକ୍ରମ ରେ ସାମିଲ ହୋଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।




ADMISSION OPEN

MAHARISHI PLAY SCHOOL

A Great Place to Grow @ mps

PLAY GROUP (2+)

NURSERY (3+)

LKG, UKG, STD-I TO V

25% reservation as per RTE Act (2009)



FIND THE DIFFERENCE

●Surveillance through CCTV Camera ●Small Classes ●Congenial Environment ●Intimate, Safe & Secured Place ●Experienced & loving teachers ●Individual attention to each child ●Spacious Playground ●AC Activity Room ●Transport Facilities

TUITION CLASSES for Std I to Std V

Timing: 5 PM to 6.30 PM

MAHARISHI PUBLIC SCHOOL

N4-F/24, IRC Village, Nayapalli,

Bhubaneswar, Phone: 0674-2558884,2550786

E-mail: maharishipublic13@gmail.com

25% Seats reserved in Std. 1 under RTE Act



Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-7510 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-7515, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ

EDITOR : Dr. Pabitra Mohan Samantaray